# ମହିମା ଧର୍ମର ନିର୍ଭୀକ ସ୍ୱର ଥିଲେ ଭୀମ ଭୋଇ

**ସନ୍ଥକବି ଭୀମ ଭୋଇଙ୍କ ଜୟନ୍ତୀ ସମାରୋହ**

ଢେଙ୍କାନାଳ,୩।୫(ରତନ ନାୟାର)

ଢେଙ୍କାନାଳ ସଦର ବ୍ଲକ ନାଗିଆପଶି ପଞ୍ଚାୟତ ଦାମୋଦରନାଳି ଭୀମ ଭୋଇ ଗବେଷଣା ଓ ଉନ୍ନୟନ ପ୍ରତିଷ୍ଠାନ ଆନୁକୂଲ୍ୟରେ ମହିମାସ୍ୱାମୀଙ୍କ ଓଡ଼ିଶା ଆଗମନର ଦ୍ୱିଶତବାର୍ଷିକୀ ସମାରୋହ ସହିତ ସନ୍ଥକବି ଭୀମ ଭୋଇଙ୍କ ଜୟନ୍ତୀ ଶିକ୍ଷାବିତ୍ ସତ୍ୟାନନ୍ଦ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ପାଳନ କରାଯାଇଥିଲା। ପ୍ରତିଷ୍ଠାନର ନିର୍ଦ୍ଦେଶକ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ସନାତନ ମଲ୍ଲିକ ସ୍ୱାଗତ ଭାଷଣ, ଅତିଥି ପରିଚୟ ପ୍ରଦାନ, ଜୟନ୍ତୀ ପାଳନର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ସମ୍ପର୍କରେ ଅବଗତ କରାଇଥିଲେ । ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ଅଦ୍ୱୈତ ଗଡ଼ନାୟକ ଯୋଗଦେଇ ରୂପ ମଧ୍ୟରେ ଅରୂପର ସ୍ଥିତି ସମ୍ପର୍କରେ ମତରଖି କହିଥିଲେ, ଆତ୍ମାର ମଇଳା ସଫା କରିବା ପାଇଁ କଳାର ଆବଶ୍ୟକତା ପଡ଼ିଥାଏ । ନିର୍ଜୀବ ରୂପହୀନ ପାଷାଣକୁ ସେ ସଜୀବ ଓ ରୂପବନ୍ତ ଭାବେ ଗଢ଼ିତୋଳିଥାଏ । ରାଜ୍ୟ ସରକାରଙ୍କ ସହଯୋଗରେ ଭୀମ ଭୋଇ ମ୍ୟୁଜିୟମ୍ ପ୍ରତିଷ୍ଠା ପାଇଁ ଉଦ୍ୟମରତ ବୋଲି ସେ କହିଥିଲେ । କୌପୀନଧାରୀ ମହିମା ସମାଜର ଧର୍ମାଧ୍ୟକ୍ଷ ଶ୍ରୀମଦ ରଘୁନାଥ ବାବା ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ଜାତିପ୍ରଥା ବିରୋଧରେ ମହିମାଧର୍ମର ନିର୍ଭୀକ ସ୍ୱର ଥିଲେ ସନ୍ଥକବି ଭୀମଭୋଇ ବୋଲି ମତପ୍ରକାଶ କରିଥିଲେ । ମୁଖ୍ୟବକ୍ତା ଭାବେ ମହିମା ଗବେଷକ ଡ. ଉଦ୍ଧବ ଚରଣ ନାୟକ ଯୋଗଦେଇ କହିଲେ, ଓଡ଼ିଶାର ନିଜସ୍ୱ ଧର୍ମ ମହିମା ଧର୍ମ ଏବଂ ନିଜସ୍ୱ ସଂସ୍କୃତି ଶ୍ରୀଜଗନ୍ନାଥ ସଂସ୍କୃତି। ସମ୍ମାନିତ ଅତିଥି ଭାବେ ମହିମା ଜ୍ୟୋତିଯାତ୍ରାର ମୁଖ୍ୟ ସଂଯୋଜକ ପ୍ରଦ୍ୟୁମ୍ନ ରଥ କହିଲେ, ସନ୍ଥ ଭୀମଭୋଇ ଜଣେ ମହାନ୍ ସାମାଜିକ ବିପ୍ଳବୀ । ମହିମାଧର୍ମର ନିର୍ଭୀକ ସ୍ୱର ଭୀମ ଭୋଇ ଥିଲେ। କୌପୀନଧାରୀ ମହିମା ସମାଜର ସଭାପତି ଅବିନାଶ ବାବା ସନ୍ଥକବି ଭୀମଭୋଇ ସର୍ବଦା କେବଳ ମାନବ ସମାଜର କଲ୍ୟାଣ ହିଁ କାମନା କରିଛନ୍ତି । ପୂର୍ବତନ ବିଧାୟକ ନବୀନ ନନ୍ଦ ଅନ୍ୟତମ ଅତିଥି ଭାବେ ଯୋଗଦେଇ ସମାଜର ଦଳିତ ଓ ନିଷ୍ପେଷିତଙ୍କ ସ୍ୱର ଭୀମ ଭୋଇ ଥିଲେ ବୋଲି ପ୍ରକାଶ କରିଥିଲେ । ମହିମାଗାଦି ଯୋରନ୍ଦାରେ ସନ୍ଥ ଭୀମ ଭୋଇଙ୍କ ଏକ ଭବ୍ୟ ପ୍ରତିକୃତି ନିର୍ମାଣ ପାଇଁ ସେ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଥିଲେ । ଏହି ସଭାରେ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ। ସାମାଜିକ କର୍ମୀ ଡମ୍ବରୁଧର ସେଠୀ ଧନ୍ୟବାଦ ଦେଇଥିଲେ। ଶେଷରେ ସାମୂହିକ ଆତ୍ମସେବା ଅନୁଷ୍ଠିତ ହୋଇଥିଲା ।


ସନ୍ଥକବି ଭୀମ ଭୋଇଙ୍କ ଜୟନ୍ତୀ ସମାରୋହ ଅବସରରେ ଯୋଗଦେଇଥିବା ଅତିଥିମାନେ।

## ଏକ ଦିବସୀୟ ବିଶ୍ୱଶାନ୍ତି ମହାଯଜ୍ଞ

କାମାକ୍ଷାନଗର, ୩।୫
(ସୁଧୀର କୁମାର ପରିଡା)

ଢେଙ୍କାନାଳ ଜିଲା କାମାକ୍ଷାନଗର କାଦୁଆ ଗ୍ରାମରେ ଶୁକ୍ରବାର ଏକଦିବସୀୟ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏଥିନିମନ୍ତେ ଗୁରୁବାର ଗ୍ରାମର ଶତାଧିକ ମହିଳା ପୁରୁଷ ଏକ ଶୋଭାଯାତ୍ରାରେ ପୂର୍ଣ୍ଣ କଳସ ଆଣି ଯଜ୍ଞସ୍ଥଳରେ ସ୍ଥାପନ କରିଥିଲେ। ପଣ୍ଡିତ ବିଦ୍ୟାଧର ଭଞ୍ଜଙ୍କ ନେତୃତ୍ୱରେ ପଣ୍ଡିତ ବିଶ୍ୱଜିତ ମହାପାତ୍ର, ରମାକାନ୍ତ ତ୍ରିପାଠୀ ଯଜ୍ଞକାର୍ଯ୍ୟ ସମ୍ପାଦନ କରିଥିବା ବେଳେ ଦୀପକ କୁମାର ମହାପାତ୍ର, ବିଶ୍ୱଜିତ ମହାପାତ୍ର, ଋଷିକେଶ ମହାପାତ୍ର କର୍ତ୍ତା କାର୍ଯ୍ୟ ତୁଲାଇଥିଲେ। ଦେଶ ତଥା ଗ୍ରାମର ମଙ୍ଗଳ ନିମନ୍ତେ ଅନୁଷ୍ଠିତ ଯଜ୍ଞରେ ଚଣ୍ଡୀପାଠ, ରୁଦ୍ରପୂଜା ଆଦି ଅନୁଷ୍ଠିତ ହୋଇଥିଲା। କମିଟି ପକ୍ଷରୁ ସୁବୁଦ୍ଧି ସାହୁ, ମାନସ ରଞ୍ଜନ ମହାପାତ୍ର, ଭରତ ଚନ୍ଦ୍ର ପରିଡ଼ା, କୁବେର ସାହୁ, ଗତିକୃଷ୍ଣ ସାହୁ, ସୁଧୀର ପରିଡା, ରୋହିତ ସାହୁ, ମାଧବ ସାହୁ, ସାରଙ୍ଗଧର ପରିଡା, ଅଖିଳ ମହାପାତ୍ର, ପ୍ରେମାନନ୍ଦ ସାହୁ, ସନ୍ତୋସ ସାହୁ ପ୍ରମୁଖ କରିଥିଲେ।

## ବିଜେଏମ୍‌ସିର ଶ୍ରମିକ ଦିବସ ପାଳିତ




ଢେଙ୍କାନାଳ,୩।୫(ରତନ ନାୟାର)

ଢେଙ୍କାନାଳ ଭାରତୀୟ ଜନତା ଶ୍ରମିକ କକ୍ଷର (ବିଜେଏମ୍‌ସି) ଓଡ଼ିଶା କାର୍ଯ୍ୟକାରିଣୀ ରାଷ୍ଟ୍ରୀୟ ଅଧ୍ୟକ୍ଷ ଦୁର୍ଯ୍ୟୋଧ କୁମାର ନାଥଙ୍କ ଅଧ୍ୟକ୍ଷତାରେ ଶ୍ରମିକ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି । ଏଥିରେ ରୁଙ୍ଗଟା ଷ୍ଟିଲ୍ ଓ ଟାଟା ଷ୍ଟିଲ୍‌ର ବହୁ ଶ୍ରମିକ ଉପସ୍ଥିତ ଥିଲେ। ଅଧ୍ୟକ୍ଷ ନାଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ଶ୍ରମିକମାନଙ୍କ ଅଧିକାରକୁ ପ୍ରାଥମିକତା ଦିଆଯିବ। ଶ୍ରମିକମାନଙ୍କର ସ୍ୱାର୍ଥକୁ ଦୃଷ୍ଟି ଦେଇ ସରକାରଙ୍କର ଥିବା ୧୨୯ଟି ଯୋଜନାରେ ଶ୍ରମିକମାନେ ଉପକୃତ ହେବାକୁ ଗୁରୁତ୍ୱ ପ୍ରଦାନ କରାଯିବ। ଏହି ବୈଠକରେ ବିଜେଏମ୍‌ସି ରାଷ୍ଟ୍ରୀୟ ସଭାପତି ଅର୍ମାନ ଗାଙ୍ଗୁଲି, ଜାତୀୟ ସମ୍ପାଦକ ମଦନ ମୋହନ ପ୍ରଧାନ, ଓଡ଼ିଶା ରାଜ୍ୟ ଉପସଭାପତି ଜ୍ୟୋତିଷ ଦାସ ଓ ରାଜ୍ୟ ଯୁବ ସଭାପତି ଆଦିତ୍ୟ ନାରାୟଣ ସାହୁ ପ୍ରମୁଖ ଯୋଗଦେଇଥିଲେ ।

## ଅଙ୍ଗଦାନ ସଂକଳ୍ପ ଓ ରକ୍ତଦାନ କରି ବିବାହ ବାର୍ଷିକ ପାଳିତ



ଢେଙ୍କାନାଳ,୩।୫(ରତନ ନାୟାର)

ରେଡକ୍ରସ ଢେଙ୍କାନାଳ ଶାଖାର ଉପସଭାପତି ତଥା ଯୁବ ସାମାଜିକ କର୍ମୀ ରାଜକିଶୋର ବେହେରା ଓ ସ୍ତ୍ରୀ ରୋଜାଲିନ ସ୍ୱାଇଁ ରବିବାର ୧୯ତମ ବିବାହ ବାର୍ଷିକ ପାଳନ କରିଛନ୍ତି। ଏହି ଅବସରରେ ସେମାନେ ସ୍ୱେଚ୍ଛାକୃତ ରକ୍ତଦାନ ଓ ଅଙ୍ଗଦାନ ସମ୍ପର୍କରେ ଜନ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ସ୍ୱେଚ୍ଛାକୃତ ରକ୍ତଦାନ କରିଛନ୍ତି । ଜନସାଧାରଣ ସ୍ୱତଃପ୍ରବୃତ୍ତ ଭାବେ ନିଜର ଜନ୍ମଦିନ, ବିବାହ ବାର୍ଷିକ ଓ ଅନ୍ୟାନ୍ୟ ସାମାଜିକ ଉତ୍ସବକୁ ସ୍ମରଣୀୟ କରିବା ପାଇଁ ସ୍ୱେଚ୍ଛାକୃତ ରକ୍ତଦାନ କରିବାକୁ ଉଭୟେ ଆହ୍ୱାନ ଦେଇଛନ୍ତି । ଏଥିସହିତ ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ନିର୍ଦ୍ଦେଶାଳୟ ଅଧୀନସ୍ଥ ଜାତୀୟ ଅଙ୍ଗ ଓ ଚର୍ମତନ୍ତୁ ପ୍ରତ୍ୟାରୋପଣ ସଂସ୍ଥାନରେ ନିଜର ଅଙ୍ଗଦାନ କରିବା ପାଇଁ ଅଙ୍ଗୀକାରବଦ୍ଧ ବୋଲି ସ୍ୱାକ୍ଷର କରିଛନ୍ତି।

## ସାଧନା ପକ୍ଷରୁ ବୁଦ୍ଧ ଜୟନ୍ତୀ ପାଳିତ

ଢେଙ୍କାନାଳ,୩।୫(ରତନ ନାୟାର)

ଢେଙ୍କାନାଳର ସାଧନା ଅନୁଷ୍ଠାନ ପକ୍ଷରୁ ଗୌତମ ବୁଦ୍ଧଙ୍କ ଜୟନ୍ତୀ ଶୁକ୍ରବାର ଲେଖକ ସଂସଦ ଶାଣ୍ଡିଲ୍ୟ ଭବନ ପରିସରରେ ପାଳିତ ହୋଇଯାଇଛି। ପ୍ରଫେସର ବିଜୟଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଜୟନ୍ତୀ ସଭାରେ ଗବେଷକ ତପନ କୁମାର ଶତପଥୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଗୌତମ ବୁଦ୍ଧଙ୍କ ଜୀବନ ଚରିତ, ବୌଦ୍ଧଧର୍ମର ଆଧ୍ୟାତ୍ମିକ ଦର୍ଶନ ଓ ସାମାଜିକ ଚେତନା ସମ୍ପର୍କରେ ଅବତାରଣା କରିଥିଲେ । ମୁଖ୍ୟ ଅତିଥି ଭାବେ ସଂସ୍କୃତିପ୍ରେମୀ ନିରଞ୍ଜନ ମିଶ୍ର ଯୋଗଦେଇ ନରସିଂହପୁର ଅଞ୍ଚଳର ବିଭିନ୍ନ ସ୍ଥାନରେ ବୌଦ୍ଧଧର୍ମର ସ୍ମାରକୀ ଓ ସ୍ଥାନୀୟ ସଂସ୍କୃତିରେ ଏହାର ପ୍ରଭାବ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଦ୍ୟାଳୟସ୍ତରୀୟ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ସୁଶାନ୍ତ କୁମାର ପାଣି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ସମ୍ପାଦକ ତଟିନୀ ମହାପାତ୍ର ପ୍ରାରମ୍ଭିକ ସୂଚନା ଓ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। କଳାକାରମାନଙ୍କ ଦ୍ୱାରା ଓଡିଶୀ ଓ ଲୋକନୃତ୍ୟ ପରିବେଷଣ ହୋଇଥିଲା। ଅନୁଷ୍ଠାନ ପକ୍ଷରୁ ବ୍ରଜନାଥ ବଡ଼ଜେନା ହାଇସ୍କୁଲ ପରିସରରେ ବୁଦ୍ଧଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏଥିରେ ପୌର ଉପାଧ୍ୟକ୍ଷ ପ୍ରକାଶଚନ୍ଦ୍ର କୁଅଁର, ଦୀପ୍ତିମୟ ମିଶ୍ର, ଉପସଭାପତି ପ୍ରବୀଣ ଭୂତିଆ ଯୋଗଦେଇଥିଲେ । ପ୍ରଶାନ୍ତ କୁମାର ତ୍ରିପାଠୀ, ଦେବୀପ୍ରସାଦ ମିଶ୍ର ଓ ସୁନୀଲ କୁମାର ଷଡ଼ଙ୍ଗୀ ବିଚାରକ ଭାବେ ଯୋଗଦେଇଥିଲେ । ଅନସୂୟା ପରିଡା, ମେଘା ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।




## ପୌରାଞ୍ଚଳର ସରକାରୀ ସ୍କୁଲରେ ମାଟ୍ରିକ ପରୀକ୍ଷାଫଳ ନୈରାଶ୍ୟଜନକ

ଢେଙ୍କାନାଳ,୩।୫(ରତନ ନାୟାର)

ଢେଙ୍କାନାଳ ପୌରାଞ୍ଚଳରେ ଥିବା ସରକାରୀ ସ୍କୁଲଗୁଡ଼ିକରେ ଚଳିତ ବର୍ଷର ମାଟ୍ରିକ ପରୀକ୍ଷାଫଳ ନୈରାଶ୍ୟଜନକ ହୋଇଛି । ଜିଲାରେ ମୋଟ ଫଳାଫଳ ୯୪.୫୩ ପ୍ରତିଶତ ହୋଇଥିବା ବେଳେ ୨୬୯ଟି ହାଇସ୍କୁଲରୁ ୧୬୫୪୨ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୫୪୦୪ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି । ତନ୍ମଧ୍ୟରେ ଜିଲାରେ ଏ-୧ରେ ୭୭ଜଣ ପାସ୍ କରିଛନ୍ତି । କିନ୍ତୁ ଢେଙ୍କାନାଳ ପୌରାଞ୍ଚଳରେ ଥିବା ପ୍ରମୁଖ ଶତାୟୁ ଶିକ୍ଷାନୁଷ୍ଠାନ ବ୍ରଜନାଥ ବଡ଼ଜେନା ଉଚ୍ଚ ବିଦ୍ୟାଳୟ, ସୁଲକ୍ଷଣା ଦେବୀ ବାଳିକା ଉଚ୍ଚ ବିଦ୍ୟାଳୟ, ଲକ୍ଷ୍ମୀଧର ମ୍ୟୁନିସିପାଲ ହାଇସ୍କୁଲ, ସୌଦାମିନୀ ବିଦ୍ୟାପୀଠ ଓ ଶ୍ରୀବଳରାମ ହାଇସ୍କୁଲରେ କୌଣସି ଛାତ୍ରୀଛାତ୍ର ଏ-୧ ଗ୍ରେଡ୍ ପାଇ ନ ଥିବା ଆଲୋଚନାର ବିଷୟ ହୋଇଛି । ଏହି ସରକାରୀ ସ୍କୁଲ ମଧ୍ୟରେ ବ୍ରଜନାଥ ବଡ଼ଜେନା ଉଚ୍ଚ ବିଦ୍ୟାଳୟ ଓ ସୁଲକ୍ଷଣାଦେବୀ ବାଳିକା ଉଚ୍ଚ ବିଦ୍ୟାଳୟ ପିଏମ୍‌ଶ୍ରୀ ମାନ୍ୟତା ପାଇଛି । ପ୍ରତିବର୍ଷ ପ୍ରମୁଖ ଶିକ୍ଷାନୁଷ୍ଠାନ ବ୍ରଜନାଥ ବଡ଼ଜେନା ଉଚ୍ଚ ବିଦ୍ୟାଳୟରେ ଅଧିକ ସଂଖ୍ୟାରେ ଏ-୧ରେ ଛାତ୍ରୀଛାତ୍ର ପାସ୍ କରୁଥିବା ନଜିର ରହିଛି। କିନ୍ତୁ ଚଳିତବର୍ଷ ଏହି ଶିକ୍ଷାନୁଷ୍ଠାନରେ ଜଣେ ହେଲେ ବି ଏ-୧ ନ ପାଇବା ବୁଦ୍ଧିଜୀବୀ ମହଲରେ ଆଲୋଚନାର ବିଷୟ ହୋଇଛି। ଅନ୍ୟପକ୍ଷରେ କାମାକ୍ଷାନଗର ବ୍ଲକରେ ଥିବା କାନୁପୁରା ପଞ୍ଚାୟତିରାଜ ହାଇସ୍କୁଲ ଚଳିତବର୍ଷ ମାଟ୍ରିକ୍ ପରୀକ୍ଷାରେ ଅଭୂତପୂର୍ବ ସଫଳତା ହାସଲ କରିଛି। ଏହି ହାଇସ୍କୁଲର ଛାତ୍ର ଅମନ କୁମାର ବେହେରା ଓ ଅରଣ୍ୟ କୁମାର ସାହୁ ଉଭୟେ ୫୭୯ନଂ. ଲେଖାଏଁ ରଖି ଯୁଗ୍ମ ଭାବେ ଜିଲା ଟପ୍ପର ହୋଇଛନ୍ତି। ସେହିପରି ଢେଙ୍କାନାଳ ପୌରାଞ୍ଚଳ ସୁନ୍ଦରିଖାଲଠାରେ ଥିବା ସରସ୍ୱତୀ ବିଦ୍ୟାମନ୍ଦିରରେ ମାଟ୍ରିକ ପରୀକ୍ଷାଫଳ ଶତ ପ୍ରତିଶତ ହୋଇଛି । ଏହି ଶିକ୍ଷାନୁଷ୍ଠାନରେ ମୋଟ ୮୪ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳ ଏ-୧ରେ ୫ଜଣ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି । ଅନ୍ୟପଟରେ କାମାକ୍ଷାନଗର ବ୍ଲକର ପଞ୍ଚାୟତରାଜ ହାଇସ୍କୁଲ କାନପୁରାରେ ୨୬ଜଣ ଛାତ୍ରୀଛାତ୍ର ଏ-୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇ ବିଦ୍ୟାଳୟକୁ ଗୌରବାନ୍ୱିତ କରିଛନ୍ତି । ସେହିପରି କାମାକ୍ଷାନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ୧୬ଜଣ ଏ-୧ ଗ୍ରେଡ୍‌ରେ ପାସ୍ କରିଥିବା ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜଣାପଡ଼ିଛି ।

## ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରି ପୀଡ଼ିତାଙ୍କୁ ନ୍ୟାୟ ଦିଅ

**ମହିଳାଙ୍କୁ ମରଣାନ୍ତକ ଆକ୍ରମଣ ମାମଲା**

■ଏସ୍‌ପିଙ୍କ ସହ କଥାହେଲେ ଏମ୍‌ପି

ଢେଙ୍କାନାଳ,୩।୫(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ଥାନା ଭାପୁର ଫାଣ୍ଡି ଅଞ୍ଚଳରେ ଥିବା ସାପୁଆ ନଦୀ ପୋଲ ନିକଟସ୍ଥ ଏକ ତୁଠରେ ଜଣେ ମହିଳା ଗାଧୋଉଥିବା ବେଳେ ତାଙ୍କୁ ଜଣେ ଯୁବକ ବଳାତ୍କାର ଓ ଆକ୍ରମଣ କରିଥିବା ଗତ ୨୭ ତାରିଖରେ ଅଭିଯୋଗ ହୋଇଥିଲା। ମହିଳାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ପରେ ମାମଲା ରୁଜୁ ହୋଇଥିଲା। ତାଙ୍କୁ ପ୍ରଥମେ ଏକ ଟ୍ରଲିରେ ଭାପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା । ପରେ ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟ ଓ କଟକ ସ୍ଥାନାନ୍ତର କରାଯାଇଥିଲା । ଗୁରୁତର ଅବସ୍ଥାରେ ସେ ବର୍ତ୍ତମାନ କଟକ ଏସ୍‌ସିବି ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି । ଏହି ଘଟଣାକୁ ନେଇ ରବିବାର ଅପରାହ୍ନରେ ନୂଆଦିଲ୍ଲୀରୁ ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣି ଏସ୍‌ପି ଅଭିନବ ସୋନକରଙ୍କ ସହ ଫୋନ୍ ଯୋଗେ ଆଲୋଚନା କରିଛନ୍ତି। ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ସହ ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ ପାଇଁ ପଦକ୍ଷେପ ନେବାକୁ କହିଛନ୍ତି। ନୂଆଦିଲ୍ଲୀ ଏମ୍ସକୁ ନିଜର ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଏମ୍‌ପି ଯାଇଥିବା ବେଳେ ସେଠାରୁ ଏସ୍‌ପିଙ୍କ ସହିତ କଥା ହୋଇଥିବା ସୂଚନା ଦେଇଛନ୍ତି।

## ଆଇଆଇଏମ୍‌ସିରେ ଓଡ଼ିଆ ସାମ୍ବାଦିକତା ପିଜି ଡିପ୍ଲୋମା ଆବେଦନ ତାରିଖ ବୃଦ୍ଧି

ଢେଙ୍କାନାଳ,୩।୫(ରତନ ନାୟାର)

ଢେଙ୍କାନାଳ ଭାରତୀୟ ଜନସଞ୍ଚାର ସଂସ୍ଥାନ (ଆଇଆଇଏମ୍‌ସି)ରେ ଓଡ଼ିଆ ସାମ୍ବାଦିକତାରେ ସ୍ନାତକୋତ୍ତର ଡିପ୍ଲୋମା ପାଇଁ ଆବେଦନପତ୍ର ଦାଖଲର ତାରିଖ ବୃଦ୍ଧି କରାଯାଇଛି । ପୂର୍ବରୁ ଆବେଦନର ଶେଷ ତାରିଖ ଏପ୍ରିଲ ୩୦ ଥିବା ବେଳେ ଏହାକୁ ମେ' ୯ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ପୂର୍ବରୁ ଘୋଷିତ କାର୍ଯ୍ୟସୂଚୀ ଅନୁଯାୟୀ ପ୍ରବେଶିକା ପରୀକ୍ଷା ଓ ସାକ୍ଷାତକାର ମେ' ୧୧ରେ ଆୟୋଜନ ହେବ। ଯେଉଁ ପ୍ରାର୍ଥୀମାନେ ଏପର୍ଯ୍ୟନ୍ତ ଆବେଦନ କରିନାହାନ୍ତି ସେମାନଙ୍କୁ ଏହି ସମୟ ବୃଦ୍ଧିର ସୁଯୋଗ ସହାୟକ ହେବ। ଆଗ୍ରହୀ ପ୍ରାର୍ଥୀଙ୍କ ଅନୁରୋଧକୁ ଧ୍ୟାନରେ ରଖି ସମୟସୀମା ବୃଦ୍ଧି କରାଯାଇଛି, ଯାହାଦ୍ୱାରା ଅଧିକ ପ୍ରାର୍ଥୀ ଭାଗନେବାରେ ସୁଯୋଗ ପାଇପାରିବେ। ଓଡ଼ିଆ ସାମ୍ବାଦିକତା ଓ ମିଡିଆ ପ୍ରତି ଆଗ୍ରହୀ ପ୍ରତିଭାଧାରୀ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରିବା ପାଇଁ ଆମେ ଅପେକ୍ଷା କରୁଛୁ ବୋଲି ସଂସ୍ଥାନର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ଆନନ୍ଦ ପ୍ରଧାନ କହିଛନ୍ତି । ଆବେଦନ ପ୍ରକ୍ରିୟା ଓ ଭର୍ତ୍ତି ସମ୍ପର୍କିତ ତଥ୍ୟ ଆଇଆଇଏମ୍‌ସି ୱେବ୍‌ସାଇଟରୁ ମିଳିପାରିବ ବୋଲି ସୂଚନା ଦିଆଯାଇଛି ।

## ଢେଙ୍କାନାଳରେ ଆମ ବସ୍ ସେବା କାର୍ଯ୍ୟକ୍ଷମ ହେଉ

**ଜିଲା ସକ୍ରିୟ ନାଗରିକ ପରିଷଦର ଦାବି**

ଢେଙ୍କାନାଳ,୩।୫(ରତନ ନାୟାର)

ଢେଙ୍କାନାଳ ପୌରାଞ୍ଚଳ ୭୬ବର୍ଷରେ ପହଞ୍ଚିଲାଣି। ୭୬ବର୍ଷ ପୂରଣ ବେଳେ ସହରରେ ଜନବସତି ସହିତ ଜନସଂଖ୍ୟା ଅହେତୁକ ବୃଦ୍ଧିପାଇଛି। ଫଳରେ ସହରରେ ଯାତାୟାତର ସୁବନ୍ଦୋବସ୍ତ ସାତସପନ ପାଲଟିଛି । କଟକରେ ସ୍ୱାସ୍ଥ୍ୟ ସେବା ଏବଂ ଉଚ୍ଚ ନ୍ୟାୟାଳୟ ଓ ବ୍ୟବସାୟ ବାଣିଜ୍ୟ ପାଇଁ ଢେଙ୍କାନାଳବାସୀ କଟକ ସହର ଉପରେ ଅଧିକ ନିର୍ଭରଶୀଳ । ତେଣୁ ଲୋକମାନଙ୍କର ଗମନାଗମନର ସୁବିଧା ପାଇଁ ଢେଙ୍କାନାଳ ଜିଲା ମୁଖ୍ୟାଳୟରୁ ଖୁଣ୍ଟୁଣୀ, ଚୌଦ୍ୱାର, ଶଙ୍କରପୁର, ଆଠଗଡ଼ ଓ ନୂଆପାଟଣା ଦେଇ କଟକ ସହର ସିଡିଏ ଅଞ୍ଚଳକୁ ଏବଂ ମେରାମଣ୍ଡଳୀ ଟାଟାଷ୍ଟିଲ, ସନ୍ତିଛକ ଓ ବଅଁରପାଳ ଛକ ପର୍ଯ୍ୟନ୍ତ ଆମ ବସ୍ କିମ୍ବା ଇ-ବସ୍ ସେବା କାର୍ଯ୍ୟକ୍ଷମ କରିବା ପାଇଁ ଜିଲା ସକ୍ରିୟା ନାଗରିକ ପରିଷଦ ପକ୍ଷରୁ ଦାବି ହୋଇଛି । ପରିଷଦର ସଭାପତି ପ୍ରଦ୍ୟୁମ୍ନ ରଥ ପରିବହନ ସେବାକୁ ଉନ୍ନତମାନର କରିବା ପାଇଁ ଆମ ବସ୍ ତଥା ଇ-ବସ୍ ସେବା ତୁରନ୍ତ କାର୍ଯ୍ୟକ୍ଷମ କରିବା ପାଇଁ ଦାବି କରିଛନ୍ତି ।

## କାଳବୈଶାଖୀରେ ଭାଙ୍ଗିଲା ଘର, ଅଳ୍ପକେ ବର୍ତ୍ତିଲେ ପରିବାର



କାମାକ୍ଷାନଗର, ୩।୫
(ସୁଧୀର କୁମାର ପରିଡା)

ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ଜଗନ୍ନାଥପୁର ପଞ୍ଚାୟତରେ ଶନିବାର ଅପରାହ୍ନରେ କାଳବୈଶାଖୀ ପ୍ରଭାବରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ପ୍ରବଳ ପବନ ସହ ବର୍ଷା ହେବା ଯୋଗୁ ବହୁ ଚାଷୀଙ୍କ ଭେଣ୍ଡି, ଜହ୍ନି ଓ ବାଇଗଣ ଆଦି ପରିବା ଚାଷ ନଷ୍ଟ ହୋଇଯାଇଛି। ବାଦୁରା ଗ୍ରାମରେ ଗଛ ପଡ଼ି ୩ଟି ପରିବାରର ବ୍ୟାପକ କ୍ଷତି ହୋଇଥିବା ବେଳେ ଘର ମଧ୍ୟ ଭାଙ୍ଗିଯାଇଛି। ତେବେ ଅଳ୍ପକେ ବର୍ତ୍ତି ଯାଇଛନ୍ତି ପରିବାର ଲୋକ। ଗ୍ରାମର ଜିତୁ ନାୟକ, ସୁମନ ନାୟକ ଓ ରତ୍ନାକର ରାଉତଙ୍କ ଘର ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ଖବର ପାଇ କାମାକ୍ଷାନଗର ଅଗ୍ନିଶମ କର୍ମଚାରୀ ପହଞ୍ଚି ଗଛକାଟି ଲୋକଙ୍କୁ ଉଦ୍ଧାର କରିଛନ୍ତି।

## ସାହିତ୍ୟ ପରିଷଦ ପକ୍ଷରୁ ଭୀମ ଭୋଇ ଜୟନ୍ତୀ




ଢେଙ୍କାନାଳ,୩।୫(ରତନ ନାୟାର)

ଢେଙ୍କାନାଳ ଅଖିଳ ଭାରତୀୟ ସାହିତ୍ୟ ପରିଷଦ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀର ମିଳିତ ସହଯୋଗରେ ସନ୍ଥକବି ଭୀମ ଭୋଇଙ୍କ ଜୟନ୍ତୀ ଓଡ଼ିଶା ସାହିତ୍ୟ ଏକାଡେମୀ ସହ ସଚିବ ସଞ୍ଜୟ କୁମାର ଛୁଆଳସିଂହଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ପାଳିତ ହୋଇଯାଇଛି । ଉଦ୍‌ଘାଟକ ଭାବେ ବଲ୍କଳ ସମାଜର ବାବା ଦୀନବନ୍ଧୁ ଦାସ, ମୁଖ୍ୟ ଅତିଥି ଭାବେ କୌପୀନଧାରୀ ସମାଜର ସଭାପତି ବାବା ଅବିନାଶୀ ଦାସ, ମୁଖ୍ୟବକ୍ତା ଭାବେ ଅଧ୍ୟାପକ ଡ. ଦୀନନାଥ ଦାସ, ସମ୍ମାନିତ ବକ୍ତା ଭାବେ ବାବା ଅରୂପାନନ୍ଦ ଦାସ, ସମ୍ମାନିତ ଅତିଥି ଅନୁଷ୍ଠାନର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କବି ବାହାଦୁର ପାଟ୍ଟସାହାଣୀ, ବାବା ବିଶ୍ୱାନନ୍ଦ ଦାସ ପ୍ରମୁଖ ଯୋଗଦେଇ ମହିମା ଧର୍ମ ଓ ଭୀମ ଭୋଇଙ୍କ ସମଗ୍ର ସାହିତ୍ୟ କୃତି ଉପରେ ଆଲୋଚନା କରି ଭୀମ ଭୋଇଙ୍କ ସାହିତ୍ୟ ବିଶ୍ୱରେ ବିରଳ ଓ ବିଶ୍ୱ ମାନବ ସମାଜର ଉନ୍ନତିର ବାର୍ତ୍ତା ବହନ କରେ ବୋଲି କହିଥିଲେ। ଜିଲା ସମ୍ପାଦକ କବି ପ୍ରମୋଦ ପରିଡା ସମ୍ପାଦକୀୟ ବିବରଣୀ ପାଠ ଓ ସ୍ୱାଗତ ଭାଷଣ ଦେଇଥିଲେ । ବାବା ବନମାଳି ଦାସ ଓ ସାଥୀମାନେ ମହିମା ଭଜନ ପରିବେଷଣ କରିଥିଲେ । ପ୍ରଥମ ଅଧିବେଶନରେ କବି ଗୋଲକ ବିହାରୀ ବେହେରାଙ୍କ ଅଧ୍ୟକ୍ଷତାରେ ସୀମା ମିଶ୍ର ଓ ନିବେଦିତା ରଥଙ୍କ ସଂଯୋଜନାରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । ଜିଲା କାର୍ଯ୍ୟକାରୀ ସଭାପତି ଡ. ସମୀର ସାହୁ ଭୀମ ଭୋଇ ସାହିତ୍ୟ କୃତି ଓ ମହିମା ଧର୍ମ ଉପରେ ବକ୍ତବ୍ୟ ରଖି ଧନ୍ୟବାଦ ଅର୍ପଣ କରିଥିଲେ । ଜିଲା ସଭାପତି ଡ. ଦୁର୍ଗାମାଧବ ପୃଷ୍ଟି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଲଳିତ ବେହେରା, ଫକୀର ମୋହନ ସାହୁ, ଲିଙ୍କୁ ପତି, ଉପ ସଭାନେତ୍ରୀ ପ୍ରଭାତୀ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ । ଡ. ପ୍ରମୋଦ କୁମାର ନାୟକ ମହିମା ଭଜନ ଗାନ କରିଥିଲେ ।

## 'ଓମ୍‌ଫେଡ୍ ଦରବୃଦ୍ଧି ଲୋକଙ୍କ ଉପରେ ବଡ଼ ବୋଝ'

ଢେଙ୍କାନାଳ,୩।୫(ରତନ ନାୟାର)



ଓମ୍‌ଫେଡ୍ କ୍ଷୀର ଦର ବୃଦ୍ଧି ସାଧାରଣ ଲୋକଙ୍କ ଉପରେ ଏକ ବଡ଼ ବୋଝ ସଦୃଶ ହେଲା। ଦୈନନ୍ଦିନ ଜରୁରୀ ଆବଶ୍ୟକତା ଥିବା ସାମଗ୍ରୀ ମଧ୍ୟରେ ଓମ୍‌ଫେଡ କ୍ଷୀର ଅନ୍ୟତମ । ଏହାର ଦରବୃଦ୍ଧି କରାଯାଇଥିବାରୁ ମୁଁ ଜଣେ ଗ୍ରାହକ ଭାବରେ ନିନ୍ଦା ଓ ପ୍ରତିବାଦ କରୁଛି। ପେଟ୍ରୋଲ, ଡିଜେଲ ଓ ଗ୍ୟାସ୍ ଭଳି ଶେଷରେ ଓମ୍‌ଫେଡ୍ କ୍ଷୀରର ଦର ବୃଦ୍ଧି ହେବା କ୍ଷୋଭର ବିଷୟ । ଏଭଳି ଜରୁରୀ ସାମଗ୍ରୀର ଦରକୁ ସରକାର ନିୟନ୍ତ୍ରଣ କରିବା ଆବଶ୍ୟକ।

-**ସୁକାନ୍ତ କୁମାର ମିଶ୍ର**, ବସ୍‌ଷ୍ଟାଣ୍ଡ, ଅମଲାପଡ଼ା, ଢେଙ୍କାନାଳ।

## କୃଷକଙ୍କ ଦକ୍ଷତା ବିକାଶ ପ୍ରଶିକ୍ଷଣ

ଢେଙ୍କାନାଳ,୩।୫(ରତନ ନାୟାର)

ଢେଙ୍କାନାଳ ମହିଷାପାଟସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଏକ ଦିନିକିଆ ରପ୍ତାନି ପାଇଁ ଏଫ୍‌ପିସି, ଏଫ୍‌ପିଓ ଓ ଅଗ୍ରଣୀ କୃଷକମାନଙ୍କ ଦକ୍ଷତା ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆପେଡ଼ା ସହାୟତାରେ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲାର ପ୍ରାୟ ୧୫ଟି ଏଫ୍‌ପିସି, ଏଫ୍‌ପିଓ, ଏନ୍‌ଜିଓ ଓ ଅଗ୍ରଣୀ ଚାଷୀମାନଙ୍କୁ ନେଇ ମୋଟ ୮୦ ଜଣ ଅଂଶଗ୍ରହଣ କରିଥିଲେ। ପ୍ରଶିକ୍ଷଣ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଚାଷୀ ଓ କୃଷକ ଉତ୍ପାଦକ ସଙ୍ଗଠନମାନଙ୍କୁ ରପ୍ତାନି ସମ୍ବନ୍ଧୀୟ ଜ୍ଞାନ, ନୀତି ଓ ପ୍ରାୟୋଗିକ ଦିଗରେ ସକ୍ଷମ କରିବା। କାର୍ଯ୍ୟକ୍ରମରେ ମୁଖ୍ୟ ଜିଲା କୃଷି ଅଧିକାରୀ ବିଶ୍ୱନାଥ ଦାସ, ଓଡ଼ିଶା ଜୀବିକା ମିଶନର ଜିଲା ପ୍ରକଳ୍ପ ପ୍ରବନ୍ଧକ ସତ୍ୟଭାମା ପ୍ରଧାନ, ମିଶନ ଶକ୍ତିର ଜିଲା ପ୍ରକଳ୍ପ ସଂଯୋଜିକା ଶେଫାଳି ସ୍ୱାଗତିକା, ଅତିରିକ୍ତ ଉଦ୍ୟାନ କୃଷି ନିର୍ଦ୍ଦେଶକ ସ୍ମରଣିକା ଦାସ, ପାଲିଡିୟମ ପରାମର୍ଶଦାତା ଦେବାରତି ଘାତକ, ସେଣ୍ଟର ଅଫ୍ ଏକ୍ସିଲେନ୍ସ, ଏଫ୍‌ପିଓ ଓୟୁଏଟିର ପ୍ରତିନିଧି ମୌସମ ସାହୁ ଏବଂ ୩ଜଣ ରପ୍ତାନିକାରୀ ବିଶେଷ ଅତିଥି ଭାବେ ଯୋଗଦେଇଥିଲେ। ରପ୍ତାନି କ୍ଷେତ୍ରର ସମ୍ଭାବନା, ଗୁଣମାନ ରକ୍ଷା, ପ୍ୟାକେଜିଂ, ବଜାର ସଂଯୋଗ ଓ ଅନ୍ତର୍ଜାତୀୟ ମାନକ ପାଳନ ଉପରେ ଅତିଥିମାନେ ଗୁରୁତ୍ୱ ପ୍ରଦାନ କରି ଚାଷୀମାନଙ୍କୁ ଏହି କ୍ଷେତ୍ରରେ ଆଗକୁ ଆସିବାକୁ ଉତ୍ସାହିତ କରିଥିଲେ। ପ୍ରତିବର୍ଷ ଢେଙ୍କାନାଳରୁ ବିଭିନ୍ନ ଫଳ ରପ୍ତାନି ହେଉଥିବା ପରିପ୍ରେକ୍ଷୀରେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଚାଷୀ ଏଫ୍‌ପିଓମାନଙ୍କ ପାଇଁ ରପ୍ତାନି କ୍ଷେତ୍ରରେ ନୂତନ ଦିଗ ଖୋଲିବାରେ ସାହାଯ୍ୟ କରିବ ବୋଲି ଆଶା କରାଯାଉଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଆପେଡ଼ା, କୋଲକତା ଆଞ୍ଚଳିକ ମୁଖ୍ୟ ସୋମନାଥ ମଣ୍ଡଳ ଯୋଗଦେଇ ରପ୍ତାନିର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ବିମଳେନ୍ଦୁ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟାନ୍ୟ ବୈଜ୍ଞାନିକ ଓ କର୍ମଚାରୀମାନେ ସହଯୋଗ କରିଥିଲେ ।



# ବଢ଼ୁଛି ତାତି, ପାନୀୟ ଜଳ ସମସ୍ୟା



ଜଣେ ମହିଳା ଖୋଲା କୂଅରୁ ପାଣି ନେଉଛନ୍ତି।

ବଣ୍ଡା, ୩।୫ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲାର ଆଠମଲ୍ଲିକ ଓ କିଶୋରନଗର ବ୍ଲକରେ କିଛିଦିନ ହେଲା ତାପମାତ୍ରା ବଢ଼ୁଥିବା ବେଳେ ବିଭିନ୍ନ ଗ୍ରାମରେ ପାନୀୟ ଜଳର ଘୋର ଅଭାବ ଦେଖାଯାଇଛି। ଫଳରେ ତାତିରେ ଆଉଟୁପାଉଟୁ ହେଉଥିବା ଗ୍ରାମାଞ୍ଚଳବାସୀ ପାଣି ସଙ୍କଟ ଯୋଗୁ ଅସ୍ତବ୍ୟସ୍ତ ହୋଇପଡୁଛନ୍ତି। ଗ୍ରୀଷ୍ମ ମୁକାବିଲା ପାଇଁ ଆଠମଲ୍ଲିକ ଉପଖଣ୍ଡ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ହୋଇଥିଲେ ମଧ୍ୟ ଅନେକ ପଞ୍ଚାୟତରେ ବ୍ଲକ ପ୍ରଶାସନ ପକ୍ଷରୁ ପାନୀୟ ଜଳ ସମସ୍ୟାର ସମାଧାନ କରାଯାଇ ନାହିଁ। ସେହିପରି ଅଂଶୁଘାତର ମୁକାବିଲା ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ସେଭଳି କୌଣସି ପଦକ୍ଷେପ ଏଯାଏ ନିଆଯାଇ ନ ଥିବାବେଳେ କେଉଁଠି କାଁ ଭାଁ ଜଳଛତ୍ର ଖୋଲାଯାଇଛି। କଟକ–ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥ ୪ ଲେନ୍ କରାଯାଇଥିବାବେଳେ ଜାମୁନାଳିଠାରୁ ଭାଙ୍ଗମୁଣ୍ଡା ପର୍ଯ୍ୟନ୍ତ ପୂର୍ବରୁ ଥିବା ୮ଟି ଯାତ୍ରୀ ବିଶ୍ରାମାଗାର ଭଙ୍ଗା ଯାଇଥିଲେ ମଧ୍ୟ ନୂତନ ନିର୍ମାଣ ହୋଇନାହିଁ। ଫଳରେ ଯାତ୍ରୀମାନେ ବିଶ୍ରାମ ନେବାକୁ ଜାଗା ପାଉନାହାନ୍ତି। ଉପଖଣ୍ଡର ୪୭ଟି ପଞ୍ଚାୟତର ବିଭିନ୍ନ ସ୍ଥାନରେ ବହୁ ନଳକୂଅ ଅଚଳ ହୋଇପଡ଼ିଥିଲେ ମଧ୍ୟ ମରାମତି କରାଯାଉନାହିଁ। ଅନେକ କୂଅ, ପୋଖରୀ, ନାଳ ଶୁଖି ଯାଇଥିବାବେଳେ ଗ୍ରାମାଞ୍ଚଳରେ ଲୋକେ ଜଳକଷ୍ଟ ଭୋଗୁଛନ୍ତି। ଜଙ୍ଗଲଗୁଡ଼ିକରେ ଥିବା ଜଳାଶୟ ଶୁଖିଯାଇଥିବାରୁ ବନ୍ୟଜନ୍ତୁ ପିଇବା ପାଣି ନ ପାଇ ଗାଁ ଭିତରକୁ ପଶି ଆସୁଛନ୍ତି। ତୁରନ୍ତ ଏଥିପ୍ରତି ବନ ବିଭାଗ ପକ୍ଷରୁ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି। ଏ ନେଇ କିଶୋରନଗର ବିଡ଼ିଓ ଶୁଭକାନ୍ତ ନାୟକ କହିଛନ୍ତି, ତାତିର ମୁକାବିଲା କରିବା ପାଇଁ ବ୍ଲକ୍ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଉଛି। ସମସ୍ତ ପଞ୍ଚାୟତରେ କିଭଳି ଜଳଛତ୍ର ଖୋଲାଯିବ ସେ ନେଇ ସରପଞ୍ଚମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## କଳମଛୁଇଁ ଶିଶୁ ବିଦ୍ୟାମନ୍ଦିରର ସଫଳତା

ତାଳଚେର,୩।୫(ମନୋଜ ନନ୍ଦ)

ଚଳିତ ମାଟ୍ରିକ ବୋର୍ଡ ପରୀକ୍ଷା ଫଳରେ ତାଳଚେର ବ୍ଲକସ୍ଥିତ କଳମଛୁଇଁ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରୀଛାତ୍ର ଶହେ ପ୍ରତିଶତ ସଫଳତା ହାସଲ କରିଛନ୍ତି। ମୋଟ ୬୦ ଜଣ ପରୀକ୍ଷା ଦେଇଥିବା



ବେଳେ ଏ-୧ ଗ୍ରେଡ୍‌ରେ ସୁଶ୍ରୀ ସିମରନ୍ ମହାନ୍ତି ୫୪୩ ନମ୍ବର ରଖି ବିଦ୍ୟାଳୟ ପାଇଁ ଗୌରବ ଆଣି ଦେଇଛନ୍ତି। ସେହିପରି ଏ-୨ରେ ୫ ଜଣ, ବି-୧ରେ ୧୬, ବି-୨ରେ ୨୪, ସି ଗ୍ରେଡ୍‌ରେ ୧୦ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଦ୍ୟାଳୟର ଏଭଳି ସଫଳତାକୁ ନେଇ କାର୍ଯ୍ୟକାରୀ ପ୍ରଧାନ ଆଚାର୍ଯ୍ୟ ଅନୀଲ କୁମାର ସାହୁ, ପରିଚାଳନା ସମିତି ସଭାପତି ଦୁର୍ଯ୍ୟୋଧନ ସାହୁ, ଉପ ସଭାପତି ତପନ କୁମାର ସାହୁ, ସମ୍ପାଦକ ବିଭୂତି ଭୂଷଣ ସ୍ୱାଇଁ, ଯୁଗ୍ମ ସମ୍ପାଦକ ବିକ୍ରମ ଜେନା, କୋଷାଧକ୍ଷ ପଞ୍ଚାନନ ବେହେରା ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।

## ବିବେକାନନ୍ଦ ଟ୍ୟୁଟୋରିଆଲ ଓ ଛାତ୍ରାବାସର ସଫଳତା

ଅନୁଗୋଳ,୩।୫(ଦିବ୍ୟଶାନ୍ତନୁ ନାଥ)





ସେଲୋନୀ ସାହୁ, ଅକ୍ଷତ କୁମାର ସାହୁ, କାହ୍ନା ପ୍ରଧାନ।

ଚଳିତ ମାଟ୍ରିକ ପରୀକ୍ଷାରେ ଅନୁଗୋଳ ସହରସ୍ଥିତ ବିବେକାନନ୍ଦ ଟ୍ୟୁଟୋରିଆଲ ଓ ଛାତ୍ରାବାସକୁ ଶତପ୍ରତିଶତ ସଫଳତା ମିଳିଛି। ବର୍ତ୍ତମାନ ଏହି ଅନୁଷ୍ଠାନରେ ପ୍ରଥମରୁ ଦଶମ ପର୍ଯ୍ୟନ୍ତ ୬୦୦ ଛାତ୍ରୀଛାତ୍ର ଅବସ୍ଥାନ କରୁଥିବାବେଳେ ସେମାନଙ୍କ ମଧ୍ୟରୁ ୧୦୮ ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷା ଦେଇଥିଲେ। ଏହି ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଏ-୧ ଗ୍ରେଡ୍‌ରେ ୭ଜଣ ପାସ୍ କରିଛନ୍ତି। ସେମାନେ ହେଲେ ସେଲୋନୀ ସାହୁ ୫୬୫ (୯୪%), ଅକ୍ଷତ କୁମାର ସାହୁ ୫୫୯ (୯୩%), କାହ୍ନା ପ୍ରଧାନ ୫୪୮ (୯୧%), ଆଲୋକ ପ୍ରଧାନ ୫୪୬(୯୧%), ତୋଫାନ ପ୍ରଧାନ ୫୪୩ (୯୦.୫%), ବାବୁସାନ ପ୍ରଧାନ ୫୪୩ (୯୦.୫%) ଓ ଶୁଭ୍ରାଂଶୁ ସାହୁ ୫୪୦ (୯୦%)। ସେହିପରି ଏ-୨ରେ ୨୧ ଜଣ, ବି-୧ରେ ୨୩, ବି-୨ରେ ୩୪, ସି ଗ୍ରେଡ୍‌ରେ ୧୮, ଡି ରେ ୫ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଅନୁଷ୍ଠାନର ପ୍ରତିଷ୍ଠାତା ନୀଳିମା ରାଉତ ଏବଂ ପରିଚାଳକ ଅରୁଣ ସାହୁଙ୍କ ତତ୍ତ୍ୱାବଧାନରେ ତଥା ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଆପ୍ରାଣ ଉଦ୍ୟମ କାରଣରୁ ଅନୁଷ୍ଠାନ ପୂର୍ଣ୍ଣ ସଫଳତା ହାସଲ କରିଥିବା ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।

## ଏ–୧ ଟପ୍ପରଙ୍କ ମଧ୍ୟରେ ଛେଣ୍ଡିପଦାର ୮ ଜଣ

ଛେଣ୍ଡିପଦା,୩।୫ (ଅଜିତ ଧଳ)





ଆଦ୍ୟାଶା ଆଚାର୍ଯ୍ୟ, ଯାଜ୍ଞସେନୀ ସାହୁ, ହରିଓମ ସାହୁ।

ଅନୁଗୋଳ ଜିଲାରେ ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ୭୯ଜଣ ଏ-୧ ଟପ୍ପର ତାଲିକାରେ ଥିବାବେଳେ ସେମାନଙ୍କ ମଧ୍ୟରୁ ୮ ଜଣ ହେଉନ୍ତି ଛେଣ୍ଡିପଦା ବ୍ଲକ୍‌ର। ବାଗଡ଼ିଆ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଆଦ୍ୟାଶା ଆଚାର୍ଯ୍ୟ ୫୭୮ ନମ୍ବର ରଖି ଜିଲା ଓ ବ୍ଲକ ଟପ୍ପର ହୋଇଥିବାବେଳେ ବାଗଡ଼ିଆ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଯାଜ୍ଞସେନୀ ସାହୁ ୫୪୮ ନମ୍ବର ରଖି ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ତୃତୀୟ ସ୍ଥାନରେ ବାଗଡ଼ିଆ ଉଚ୍ଚ ବିଦ୍ୟାଳୟର ଛାତ୍ର ହରିଓମ ସାହୁ, ସୌମ୍ୟ ରଞ୍ଜନ ସାହୁ, ଛେଣ୍ଡିପଦା ଉଚ୍ଚ ବିଦ୍ୟାଳୟର ଛାତ୍ର ସୌମ୍ୟରଞ୍ଜନ ସାହୁ, ଗଡ଼ମଣ୍ଡଳ ଉଚ୍ଚ ବିଦ୍ୟାଳୟର ଛତ୍ରୀ ପିନୁ ନାୟକ, ପୁରୁଣାଗଡ଼ ବରାଳ ବାଲୁଙ୍କେଶ୍ୱର ଉଚ୍ଚ ବିଦ୍ୟାଳୟର ଛାତ୍ର ଝସକେତନ ସାହୁ, ଦୁର୍ଗାପୁର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ପ୍ରିୟଦର୍ଶନୀ ସାହୁ ୫୪୦ ନମ୍ବର ରଖି ଏ୧ରେ ଉତ୍ତୀର୍ଣ୍ଣ ହୋଇଛନ୍ତି।

## ରାସ୍ତାରୁ ହଟୁନି ୧୧ କେଭି ବିଦ୍ୟୁତ୍ ଖୁଣ୍ଟ



ବଣ୍ଡା,୩।୫ (ପରିକ୍ଷିତ ସାହୁ)

କଟକ ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥର ହଣ୍ଡପା ଥାନା ନୂଆଁଭୂଇଁ ନିକଟରେ ରାଜପଥ ଉପରେ ଥିବା ଏକ ୧୧ କେଭି ବିଦ୍ୟୁତ୍ ଖୁଣ୍ଟ ହଟାଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ବାରମ୍ବାର ଅଭିଯୋଗ କରିବା ପରେ ମଧ୍ୟ ଉକ୍ତ ଖୁଣ୍ଟକୁ ହଟାଯାଉ ନ ଥିବାରୁ ଶନିବାର ଅଞ୍ଚଳବାସୀ ଅନୁଗୋଳ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି, ରାଜପଥ ସମ୍ପ୍ରସାରଣ ହୋଇଥିଲେ ମଧ୍ୟ ଅନେକ ବିଦ୍ୟୁତ ଖୁଣ୍ଟ ରାସ୍ତା ମଝିରେ ରହିଯାଇଛି। ଠିକାସଂସ୍ଥା ପକ୍ଷରୁ ଉକ୍ତ ଖୁଣ୍ଟଗୁଡ଼ିକୁ ହଟାଯାଉ ନ ଥିବାରୁ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ଏ ନେଇ ନୂଆଁଭୂଇଁ ଅଞ୍ଚଳବାସୀ ଠିକାସଂସ୍ଥାକୁ ବହୁବାର ଅଭିଯୋଗ କରିଥିଲେ ମଧ୍ୟ ସୁଫଳ ମିଳୁନାହିଁ। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି। ଏ ନେଇ ଠିକାସଂସ୍ଥା ପରିଚାଳକ ଆର୍. ପି. ସିଂଙ୍କୁ ଯୋଗାଯୋଗ କରାଯିବାରୁ ସେ କୌଣସି ଉତ୍ତର ଦେଇ ନ ଥିଲେ।

## ତ୍ରୈମାସିକ ଶିଶୁ କିଶୋର ପତ୍ରିକା ଉନ୍ମୋଚିତ



ଅତିଥିମାନେ ତ୍ରୈମାସିକ ଶିଶୁ କିଶୋର ପତ୍ରିକାକୁ ଉନ୍ମୋଚନ କରୁଛନ୍ତି।

ତାଳଚେର,୩।୫(ମନୋଜ ନନ୍ଦ)

ସନ୍ଥକବି ଭୀମ ଭୋଇଙ୍କ ଜୟନ୍ତୀ ପାଳନ ଅବସରରେ ତାଳଚେରର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମା’ ହିଙ୍ଗୁଳା ପାଠାଗାର ଆନୁକୂଲ୍ୟରେ ପ୍ରକାଶିତ ତ୍ରୈମାସିକ ଶିଶୁ କିଶୋର ପତ୍ରିକା ‘ଆମ କୁନାକୁନି’ର ବିଷୁବ ବିଶେଷାଙ୍କ ଲୋକାର୍ପିତ ହୋଇଯାଇଛି। ରେଢ଼ାଖୋଲସ୍ଥିତ କନ୍ଧରା ଭୀମ ଭୋଇ ସ୍ମୃତି ପୀଠ ପରିସରରେ ଏହି ଜୟନ୍ତୀ ପାଳିତ ହୋଇଥିଲା। ପ୍ରାଧ୍ୟାପକ ଅଖିଳ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉଦ୍‌ଘାଟକ ଭାବେ ବାବା ବ୍ରହ୍ମ ଅବଧୂତ ଆନନ୍ଦ ଚନ୍ଦ୍ର ଦାସ, ମୁଖ୍ୟ ଅତିଥି ଭାବେ ଏମ୍‌ସିଏଲ୍ କଣିହାଁ କ୍ଷେତ୍ରର ମହାପ୍ରବନ୍ଧକ ଦୀନେଶ କୁମାର ମାଲୀ, ମୁଖ୍ୟବକ୍ତା ଭାବେ ଅଧ୍ୟାପକ ପ୍ରକାଶ ସେଠ, ସମ୍ମାନିତ ଅତିଥି ଭାବେ ବେଣୁଧର ପ୍ରଧାନ, ଶିକ୍ଷାବିତ୍ ଚକ୍ରଧର ପ୍ରଧାନ ଏବଂ ସନ୍ଥକବି ଭୀମ ଭୋଇ ଏକାଡେମୀ ଅଧ୍ୟକ୍ଷ ମୁରଲୀଧର ସେଠ୍ ପ୍ରମୁଖ ଯୋଗଦାନ କରିଥିଲେ। ପତ୍ରିକା ସମ୍ପାଦକ ଶିଶୁ ସାହିତ୍ୟିକ ବିଭୂତି ଭୂଷଣ ସ୍ୱାଇଁ, ପାଠାଗାର ସଭାପତି ହାଡ଼ିବନ୍ଧୁ ପ୍ରଧାନ ଉପସ୍ଥିତ ଥିଲେ।

## ବିଶ୍ୱରଞ୍ଜନ ଜିଲା ଯୁବ କଂଗ୍ରେସ କମିଟି ସଭାପତି

ଅନୁଗୋଳ,୩।୫(ଦିବ୍ୟଶାନ୍ତନୁ ନାଥ)



ବିଶ୍ୱରଞ୍ଜନ ପାଣିଗ୍ରାହୀ।

ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ କମିଟି ପକ୍ଷରୁ ଅନୁଗୋଳ ଜିଲା ଯୁବ କଂଗ୍ରେସ ସଭାପତିଙ୍କ ନାମ ଘୋଷଣା କରାଯାଇଛି। ଜିଲା ଯୁବ କଂଗ୍ରେସ କମିଟି ସଭାପତି ଭାବେ ବିଶ୍ୱରଞ୍ଜନ ପାଣିଗ୍ରାହୀ (ଲୁଲୁ)ଙ୍କୁ ପୁନଃ ନିଯୁକ୍ତ କରାଯାଇଛି। ବିଶ୍ୱରଞ୍ଜନ ପୂର୍ବରୁ ଜିଲା ଛାତ୍ର କଂଗ୍ରେସ ସଭାପତି ଭାବେ ସଫଳତାର ସହ କାର୍ଯ୍ୟନିର୍ବାହ କରିଥିବା ସହିତ ଜିଲା ଯୁବ କଂଗ୍ରେସ ସଭାପତି ଭାବେ ମଧ୍ୟ ନିର୍ବାଚିତ ହୋଇଥିଲେ। ତାଙ୍କର କାର୍ଯ୍ୟଦକ୍ଷତା ଓ ସଙ୍ଗଠନାତ୍ମକ କୌଶଳକୁ ନଜରରେ ରଖି ତାଙ୍କ ଉପରେ ଦଳ ପୁଣି ଆସ୍ଥା ପ୍ରକଟ କରିଛି। ଏହି ନିଯୁକ୍ତି ପରେ ବିଶ୍ୱରଞ୍ଜନ ଅଖିଳ ଭାରତୀୟ କଂଗ୍ରେସ କମିଟି ସଭାପତି ମଲ୍ଲିକାର୍ଜୁନ ଖାର୍ଗେ, ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ଅଖିଳ ଭାରତୀୟ ଯୁବ କଂଗ୍ରେସ ପ୍ରଭାରୀ ମନୀଷ ଶର୍ମା, ଭାରତୀୟ ଯୁବ କଂଗ୍ରେସ ସଭାପତି ଉଦୟଭାନୁ ଚୀବ, ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ପ୍ରଭାରୀ ମେହେଶ ଦେଶମୁଖ, ଭାରତୀୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ସ୍ମିତିରଞ୍ଜନ ଲେଙ୍କା, ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଣଜିତ ପାତ୍ର ଏବଂ କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ମହାନ୍ତି ଓ ଗଣେଶ କୁମାର ସାହୁଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି। ଓଡ଼ିଶା ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାଶ, ପୂର୍ବତନ ମନ୍ତ୍ରୀ ଅମରନାଥ ପ୍ରଧାନ, ଜିଲା କଂଗ୍ରେସ ପୂର୍ବତନ ସଭାପତି ସଂଗ୍ରାମ ମିଶ୍ର, ଜିଲା କଂଗ୍ରେସ ସଭାପତି ସୁନୀଲ ପ୍ରଧାନ ଓ ବରିଷ୍ଠ କଂଗ୍ରେସ ନେତା ବଲବୀର ସିଂଙ୍କୁ କୃତଜ୍ଞତା ଜଣାଇଛନ୍ତି। ବିଶ୍ୱରଞ୍ଜନ କହିଛନ୍ତି, ଆଗାମୀ ଦିନରେ ଯୁବ କଂଗ୍ରେସର ସଙ୍ଗଠନକୁ ଆହୁରି ମଜଭୁତ କରି ଜିଲାର ଯୁବମାନଙ୍କ ସ୍ୱାର୍ଥରକ୍ଷା ପାଇଁ ସକ୍ରିୟ ଭାବେ କାମ କରାଯିବ।

## ବରିଷ୍ଠ ଆଇନଜୀବୀ ସମ୍ମାନିତ




ବରିଷ୍ଠ ଆଇନଜୀବୀଙ୍କୁ ସମ୍ମାନିତ କରାଯାଉଛି।

ତାଳଚେର,୩।୫(ମନୋଜ ନନ୍ଦ)

ଓଡ଼ିଶା ରାଜ୍ୟ ବାର୍ କାଉନସିଲ ପକ୍ଷରୁ ତାଳଚେରର ବରିଷ୍ଠ ଆଇନଜୀବୀ ଦେବୀ ପ୍ରସାଦ ରଥଙ୍କୁ ସମ୍ମାନଜନକ ‘ମଧୁ ଜ୍ୟୋତି’ ସମ୍ମାନରେ ସମ୍ମାନିତ କରାଯାଇଛି। ଝାରସୁଗୁଡ଼ାଠାରେ ରାଜ୍ୟ ବାର୍ କାଉନସିଲ ଓ ଝାରସୁଗୁଡ଼ା ଜିଲା ଓକିଲ ସଂଘ ପକ୍ଷରୁ ମିଳିତ ଭାବେ ଆୟୋଜିତ ରାଜ୍ୟସ୍ତରୀୟ ମଧୁ ଜୟନ୍ତୀ ୨୦୨୬ ଓ ଆଇନଜୀବୀ ଦିବସ ପାଳନ ଅବସରରେ ରଥଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର ମୁଖ୍ୟ ଅତିଥି, ମୁଖ୍ୟବକ୍ତା ଭାବେ ରାଜ୍ୟ ମାନବାଧିକାର ଆୟୋଗ ଅଧ୍ୟକ୍ଷ ଜଷ୍ଟିସ ଶତ୍ରୁଘ୍ନ ପୂଜାରୀ ଯୋଗଦେଇଥିଲେ। ରାଜ୍ୟ ବାର୍ କାଉନସିଲ ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ ସଭାପତିତ୍ୱ କରିଥିଲେ। ଆଇନଜୀବୀ ରଥଙ୍କ ଅଦାଲତରେ ଦୀର୍ଘବର୍ଷର ଅଭିଜ୍ଞତା ରହିଛି। ସେ ମୁଖ୍ୟତଃ ସିଭିଲ ମାମଲା ପରିଚାଳନାରେ ପାରଦର୍ଶିତା ଅର୍ଜନ କରିଛନ୍ତି। ତାଳଚେର ଓକିଲ ସଂଘ ପକ୍ଷରୁ ତାଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଯାଇଛି।

## ଶିକ୍ଷକପଡ଼ା ରାସ୍ତା ଅବସ୍ଥା ଶୋଚନୀୟ

ବଣ୍ଡା,୩।୫ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ନୁନୁକାପଶି ପଞ୍ଚାୟତର ଶିକ୍ଷକପଡ଼ା ଅଞ୍ଚଳକୁ ଯାଇଥିବା ମାଟି ରାସ୍ତା ଅତି ଶୋଚନୀୟ ହୋଇପଡିଛି। ମରାମତି କିମ୍ବା ପିଚୁ କରାଯାଉ ନ ଥିବା ଯୋଗୁ ଯାତାୟାତରେ ଘୋର ଅସୁବିଧା ସୃଷ୍ଟି ହେଉଛି। ଏହି ରାସ୍ତାକୁ କଂକ୍ରିଟ କରିବା ପାଇଁ ଅଞ୍ଚଳବାସୀ ବହୁବାର ଜିଲା ପ୍ରଶାସନଠାରୁ ଆରମ୍ଭ କରି ରେଲ୍‌ୱେ ପର୍ଯ୍ୟନ୍ତ ଅଭିଯୋଗ କଲେ ମଧ୍ୟ କେହି ଶୁଣୁ ନ ଥିବା ଅଞ୍ଚଳବାସୀ କହିଛନ୍ତି। ବଣ୍ଡା – ଆଠମଲ୍ଲିକ ପୂର୍ତ୍ତ ବିଭାଗ ରାସ୍ତାରୁ ଏହି ରାସ୍ତା ସାନଗୋବିନ୍ଦପୁରକୁ ସଂଯୋଗ କରୁଛି। ୨୦୧୦ ମସିହାରେ ଏହା ପିଚୁ ହୋଇଥିଲା। ହେଲେ ରାସ୍ତାର ମୁଖ୍ୟ ଅଂଶର ୫୦୦ ମିଟର ରେଲ୍‌ୱେ ଅଧୀନରେ ଥିବା ଯୋଗୁ ପୂର୍ତ୍ତ ବିଭାଗ ପକ୍ଷରୁ ତାହାକୁ ବାଦ୍ ଦିଆଯାଇଥିଲା। ଫଳରେ ରାସ୍ତାର ଉକ୍ତ ୫ଶହ ମିଟର ସବୁବେଳେ ଶୋଚନୀୟ ଅବସ୍ଥାରେ ରହୁଛି। ଏହି ରାସ୍ତା ଦେଇ ପ୍ରତ୍ୟେକ ଦିନ ଶିକ୍ଷକପଡ଼ା, ସାନଗୋବିନ୍ଦପୁର, ବଡ଼ହୁଲା, ଝରିପାଣି, ପାର୍ବତୀପୁର, ଦାଦରସାହି ଆଦି ଗ୍ରାମବାସୀ ଯାତାୟାତ କରୁଥିବାବେଳେ ରାସ୍ତା ଖରାପ ଥିବାରୁ ହଇରାଣ ହେଉଛନ୍ତି। ରାସ୍ତାକୁ କଂକ୍ରିଟ କରିବା ପାଇଁ ଶିକ୍ଷକପଡ଼ା ଅଞ୍ଚଳବାସୀ ୨୦ ଏପ୍ରିଲ ୨୦୨୦, ୫ ଜୁନ ୨୦୨୩ରେ ନୁନୁକାପଶି ପଞ୍ଚାୟତଠାରୁ ଆରମ୍ଭ କରି ରେଲୱେ ପର୍ଯ୍ୟନ୍ତ ଅଭିଯୋଗ କଲେ ମଧ୍ୟ ସୁଫଳ ମିଳୁନାହିଁ। ତୁରନ୍ତ ଏଥିପ୍ରତି ସରକାର ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଅନନ୍ତ ଡିଏଭିର ଶତ ପ୍ରତିଶତ ସଫଳତା

ତାଳଚେର,୩।୫ (ମନୋଜ ନନ୍ଦ)




ପ୍ରତୀକ ପ୍ରଧାନ, ଆୟେଷା ଅନନ୍ୟା ଦେହୁରୀ।

ଅନୁଗୋଳ ଜିଲା ତାଳଚେରସ୍ଥିତ ମହାନଦୀ କୋଲ ଫିଲ୍ଡସ୍ ଜଗନ୍ନାଥ କ୍ଷେତ୍ର ଅନ୍ତର୍ଗତ ଡିଏଭି ପବ୍ଲିକ ସ୍କୁଲ ଅନନ୍ତ ବିହାରର ଛାତ୍ରୀଛାତ୍ରମାନେ ଚଳିତ ଦଶମ ଶ୍ରେଣୀ ପରୀକ୍ଷାରେ ଶତ ପ୍ରତିଶତ ସଫଳତା ଅର୍ଜନ କରିଛନ୍ତି। ବିଦ୍ୟାଳୟର ୧୩୭ଜଣ ପରୀକ୍ଷା ଦେଇଥିବାବେଳେ ସମସ୍ତେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏ-୧ ଗ୍ରେଡ୍‌ରେ ୨ଜଣ, ଏ-୨ରେ -୧୬, ବି-୧ରେ ୩୦, ବି-୨ରେ ୪୫, ସି ଗ୍ରେଡରେ ୨୯ ଏବଂ ଡି ଗ୍ରେଡ୍‌ରେ ୧୫ ଛାତ୍ରୀଛାତ୍ର ରହିଛନ୍ତି। ଛାତ୍ର ପ୍ରତୀକ ପ୍ରଧାନ ଏବଂ ଛାତ୍ରୀ ଆୟେଷା ଅନନ୍ୟା ଦେହୁରୀ ୫୪୩ (୯୦.୫୦%) ନମ୍ବର ରଖି ଯୁଗ୍ମ ଭାବେ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ବିଦ୍ୟାଳୟର ଛାତ୍ର ଚିନ୍ମୟ ମାଝୀ ୫୨୬ (୮୭.୬୭ %) ନମ୍ବର ରଖି ଦ୍ୱିତୀୟ ସ୍ଥାନ ହାସଲ କରିଥିବାବେଳେ ଛାତ୍ର ଅନୁରାଗ ବିଶ୍ୱାଳ ୫୨୪ (୮୭.୩୩%)ନମ୍ବର ରଖି ତୃତୀୟ ସ୍ଥାନ ଲାଭ କରିଛନ୍ତି। ବିଦ୍ୟାଳୟ ଅଧ୍ୟକ୍ଷ ଶୁଭେନ୍ଦୁ ଶେଖର ବୋଷ ଛାତ୍ରୀଛାତ୍ରମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଅଭିଭାବକମାନଙ୍କ ସହଯୋଗ, ଛାତ୍ରୀଛାତ୍ରମାନଙ୍କ କଠିନ ପରିଶ୍ରମ ଏବଂ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଉପଯୁକ୍ତ ମାର୍ଗଦର୍ଶନ ଦାରା କ୍ରମାଗତ ଭାବେ ବିଦ୍ୟାଳୟର ଏହି ଶତ ପ୍ରତିଶତ ସଫଳତା ଜାରି ରହିଥିବାରୁ ଅଧ୍ୟକ୍ଷ ସମସ୍ତଙ୍କୁ ସାଧୁବାଦ ଜ୍ଞାପନ କରିଛନ୍ତି।

## ସଂଘବଦ୍ଧ ଆକ୍ରମଣ, ଜଣେ ଗୁରୁତର

ସନ୍ତ୍ରୀଛକ,୩।୫(ସନ୍ତୋଷ ପରିଡ଼ା)

ଅନୁଗୋଳ ଜିଲା ବଣ୍ଡାଁରପାଳ ଥାନା ଅନ୍ତର୍ଗତ ଫୁଲପଡ଼ା ପଞ୍ଚାୟତ ତିଳପଙ୍ଗା ଗ୍ରାମର ପ୍ରସନ୍ନ ପରିଡ଼ାଙ୍କୁ ମରଣାତ୍ମକ ଆକ୍ରମଣ ହୋଇଥିବା ଜଣାପଡ଼ିଛି। ସେ ଅନୁଗୋଳ ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ସୂଚନା ଅନୁଯାୟୀ, ଏପ୍ରିଲ ୨୮ରେ ପ୍ରସନ୍ନ ସମ୍ପର୍କୀୟଙ୍କ ବାହାଘରରେ ଯୋଗଦେଇ ଫେରୁଥିବାବେଳେ କୌଣସି କାରଣରୁ ତିଳପଙ୍ଗା ଗ୍ରାମର ୩ ଜଣଙ୍କ ସମେତ ଅନ୍ୟ କେତେଜଣ ବ୍ୟକ୍ତି ପ୍ରସନ୍ନଙ୍କୁ ଗାଳିଗୁଲଜ କରିଥିଲେ। ଏହାପରେ ସେମାନେ ମାଡ଼ ମାରିବା ସହ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଆକ୍ରମଣକାରୀଙ୍କ ମାଡ଼ରେ ପ୍ରସନ୍ନ ଅଚେତ ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ତୁରନ୍ତ ଅନୁଗୋଳ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଏ ସମ୍ପର୍କରେ ପ୍ରସନ୍ନଙ୍କ ପୁଅ ନିର୍ମଳ ପରିଡ଼ା ବଣ୍ଡାଁରପାଳ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ. ୨୭୩/୨୦୨୬ରେ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଛି ବୋଲି ଥାନା ଅଧିକାରୀ ଦୁଷ୍ମନ୍ତ କୁମାର ସିଂହ ସୂଚନା ଦେଇଛନ୍ତି।

## ଅଲଚିକି ଲିପିର ଉନ୍ନତି ଉପରେ ଆଲୋକପାତ



ପଣ୍ଡିତ ରଘୁନାଥ ମୁର୍ମୁଙ୍କ ୧୨୧ତମ ଜୟନ୍ତୀ ପାଳନ କରାଯାଉଛି।

ବଣ୍ଡାଁରପାଳ,୩।୫(ସୁବାସ ସାହୁ)

ଅନୁଗୋଳ ଜିଲା ନାଲ୍‌କୋ ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀ କଲ୍ୟାଣ ସଂଘ ଆନୁକୂଲ୍ୟରେ ଅଲଚିକି ଲିପିର ଜନକ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ୧୨୧ତମ ଜୟନ୍ତୀ ଓ ଜନଜାତୀୟ ଗୌରବ ଦିବସ ନାଲ୍‌କୋ ପ୍ରେକ୍ଷାଳୟରେ ପାଳିତ ହୋଇଯାଇଛି। ସଂଘ ସଭାପତି କେଦାରନାଥ ଦେହୁରୀଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ନାଲ୍‌କୋ ଇଡି ଇନ୍‌ଚାର୍ଜ(ଏସ୍‌ଆଣ୍ଡପି) ପ୍ରଣବ କୁମାର ଦାସ, ସମ୍ମାନିତ ଅତିଥି ଭାବେ ସ୍ମେଲଟର ସିଜିଏମ୍ ଅକ୍ଷୟ କୁମାର ବେହେରା, ମୁଖ୍ୟବକ୍ତା ଭାବେ ଜେନେରାଲ ମ୍ୟାନେଜର ସ୍ମେଲଟର ସତ୍ୟ ନାରାୟଣ ବାସ୍କେ, ସହବକ୍ତା ସ୍ମେଲଟର ଜେନେରାଲ ମ୍ୟାନେଜର ମହେଶ୍ୱର ସୋରେନ ପ୍ରମୁଖ ଯୋଗଦେଇଥିଲେ। ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଅତିଥିବୃନ୍ଦ ରଘୁନାଥ ମୁର୍ମୁଙ୍କ ସଂଘର୍ଷମୟ ଜୀବନ ସହିତ ଅଲଚିକି ଲିପିର ଉନ୍ନତି, ଭାଷା, ସାହିତ୍ୟ, ସଂସ୍କୃତି, କଳା ଓ ପରମ୍ପରା ଏବଂ ଆଦିବାସୀ ଅସ୍ମିତା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ସାଂସ୍କୃତିକ ନୃତ୍ୟ, ବକ୍ତୃତା ପ୍ରତିଯୋଗିତା ଓ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ସଂଘ ସାଧାରଣ ସମ୍ପାଦକ କୃଷ୍ଣ ସିଂ ଜଙ୍କ ସଂଘର ବିବରଣୀ ପାଠ କରିଥିଲେ। ଶେଷରେ ଯୁଗ୍ମ ସମ୍ପାଦକ ବାସିଲ ଏକ୍କା ଏବଂ ସହକୋଷାଧ୍ୟକ୍ଷ ଆଲୋକ କୁମାର ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ। ସଙ୍ଗଠନ ସମ୍ପାଦକ ରାଜେନ୍ଦ୍ର ନାୟକ, ତ୍ରୈଲୋକ୍ୟ ନାୟକ, ଯୁଗ୍ମ ସମ୍ପାଦକ ରବୀନ୍ଦ୍ର ନାଥ ନାୟକ, ବାସିଲ ଏକ୍କା, ଉପସଭାପତି ବିନୋଦ ବେହେରା, ଭାଦବ ମାର୍ଣ୍ଡି, କୈଳାସ ଚନ୍ଦ୍ର ଶିଅଳ, ମାମିନା ବେହେରା, ଦେବେନ୍ଦ୍ର ଓରାମ, ସାଲଖାନ ମୁର୍ମୁ ଓ ଗୋପାଳ ମାର୍ଣ୍ଡି ପ୍ରମୁଖ ସହଯୋଗ କରିଥିଲେ।

## ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀଙ୍କ ପରଲୋକ

ସନ୍ତ୍ରୀଛକ,୩।୫(ସନ୍ତୋଷ ପରିଡ଼ା)

ଅନୁଗୋଳ ଜିଲା ବଣ୍ଡାଁରପାଳ ବ୍ଲକ ବୁଢ଼ାପଙ୍କ ଗ୍ରାମର ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ସୁରେନ୍ଦ୍ର ପ୍ରସାଦ ଜେନା(୬୪)ଙ୍କ ଶୁକ୍ରବାର ହୃଦ୍‌ଘାତରେ ପରଲୋକ ହୋଇଯାଇଛି।



ପରିବାର ଲୋକଙ୍କ କହିବା ଅନୁଯାୟୀ, ସୁରେନ୍ଦ୍ର ରାତିରେ ଶୋଇଥିବାବେଳେ ବିଳମ୍ବିତ ରାତିରେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ପରିବାର ଲୋକେ ତୁରନ୍ତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ।ଇ ତାଙ୍କ ବାସଭବନରେ ବହୁ ବିଶିଷ୍ଟ ବ୍ୟକ୍ତି ପହଞ୍ଚି ଶେଷଦର୍ଶନ କରିଥିଲେ। ସେ ଜଣେ ମିଷ୍ଟଭାଷୀ ଓ ଚାଷ ପ୍ରେମୀ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ଏକମାତ୍ର ପୁତ୍ର, ୩ ଝିଅ ଓ ନାତୁଣୀ ନାତି ଉପସ୍ଥିତ ଥିଲେ। ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

## ସ୍ୱଚ୍ଛତା ଦ୍ୱାରା ପରିବେଶ ସୁରକ୍ଷା ହୋଇପାରିବ

ବନ୍ତଲା,୩।୫(ସୁଶିତ ସାହୁ)



ଯୁବ ସଙ୍ଗଠନ ପକ୍ଷରୁ ସଫେଇ କାର୍ଯ୍ୟ କରାଯାଉଛି।

ଅନୁଗୋଳ ଜିଲା ବନ୍ତଲା କଲେଜ ଠାରୁ ମଦନ ମୋହନ ଛକ ପର୍ଯ୍ୟନ୍ତ ଯୁବ ସଙ୍ଗଠନ ‘ଲୁଲୁ ସେନା’ ପକ୍ଷରୁ ଏକ ଜନ ସଚେତ୍‌ନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରବିବାର ସକାଳୁ ସେନାର ସଭାପତି ସୁଜିତ ପ୍ରଧାନଙ୍କ ନେତୃତ୍ୱରେ ପ୍ରାୟ ୫୦ ରୁ ଊର୍ଦ୍ଧ୍ୱ ଯୁବ ସଦସ୍ୟ ବନ୍ତଲା କଲେଜ ନିକଟରେ ଏକତ୍ରିତ ହୋଇଥିଲେ। ସେଠାରୁ ଆରମ୍ଭ କରି ମଦନ ମୋହନ ଛକ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ସଫେଇ କାର୍ଯ୍ୟକ୍ରମ କରିଥିଲେ। ରାସ୍ତାକଡ଼ରେ ଥିବା ପ୍ଲାଷ୍ଟିକ ବୋତଲ, ଜରି, ଅଳିଆ ଆବର୍ଜନା ସଂଗ୍ରହ କରି ଅନ୍ୟତ୍ର ସ୍ଥାନାନ୍ତର କରିଥିଲେ। ସ୍ୱଚ୍ଛତା ଦ୍ୱାରା ପରିବେଶ ସୁରକ୍ଷା ଓ ମାନସିକ ସନ୍ତୁଳନ ସହ ମନ ସୁସ୍ଥ ରହିବ ବୋଲି ସଭାପତି ପ୍ରଧାନ କହିଛନ୍ତି। ବନ୍ତଲା ଅଞ୍ଚଳର ବିଭିନ୍ନ ଗାଁରୁ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ଯୁବ ସଦସ୍ୟ ରହିଥିବା ଏହି ସଙ୍ଗଠନ ଗରିବ ଛାତ୍ରୀଛାତ୍ରଙ୍କୁ ପାଠପଢ଼ାରେ ସହାୟତା, ଅସହାୟ ବରିଷ୍ଠ ନାଗରିକଙ୍କୁ ସହାୟତା, ନିମ୍ନବର୍ଗର ପରିବାରର ବିବାହରେ ସହଯୋଗ, କୌଣସି ସଦସ୍ୟ ନ ଥିବା ପରିବାରର ଶୁଦ୍ଧକ୍ରିୟା ଆଦି କାର୍ଯ୍ୟରେ ଦୀର୍ଘ ୩ ବର୍ଷ ହେବ କାର୍ଯ୍ୟକରି ଆସୁଛି। ଆଗକୁ ଏହି କାର୍ଯ୍ୟ ଅଧିକ ବ୍ୟାପକ କରାଯାଇ ସମସ୍ତଙ୍କୁ ସେବା, ତ୍ୟାଗ, ସମ୍ମାନ ଓ ସହଯୋଗ କରିବାକୁ ସଦସ୍ୟ ରିତୁନ ସାହୁ, ବିକାଶ ସାହୁ, ପପୁନ ପ୍ରଧାନ, ସୂର୍ଯ୍ୟକାନ୍ତ ପ୍ରଧାନ, ବାବୁ ପ୍ରଧାନ, ଆଲୋକ ଦେହୁରୀ, ଦେବାଶିଷ ଦେହୁରୀ ପ୍ରମୁଖ ପ୍ରକାଶ କରିଛନ୍ତି।

